## ଜିଲ୍ଲାରୁ ୧୯ ପଜିଟିଭ୍

**ଅନୁଗୋଳ ଅଫିସ୍:** ଅନୁଗୋଳ ଜିଲ୍ଲାରୁ ମଙ୍ଗଳବାର ୧୯ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୩୨ଜଣ ସୁସ୍ଥ ହୋଇଛନ୍ତି। ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧,୮୩୨ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କଣିହାଁ ବ୍ଲକର ୬, ଛେଣ୍ଡିପଦାର ୩, ପାଲଲହଡ଼ାର ୩, ବଆଁରପାଳର ୨, ଅନୁଗୋଳର ୨, ଆଠମଲ୍ଲିକ, ଅନୁଗୋଳ ପୌରାଞ୍ଚଳ ଏବଂ ତାଳଚେର ବ୍ଲକର ଜଣେ ଲେଖାଏ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ସରକାରୀ ନିର୍ଦ୍ଦେଶକୁ ଅପେକ୍ଷା



କାମାକ୍ଷାନଗର ବ୍ଲକ କାନପୁରସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲ।

**କାମାକ୍ଷାନଗର, ୨୯।୧୨(ଡି.ଏନ୍.ଏ.)**

- ୧୦ମାସ ହେଲା ସ୍କୁଲରେ ତାଲା
- ସ୍ପଷ୍ଟ ହୋଇପାରୁନି ପାଠ୍ୟକ୍ରମ
- ଭବିଷ୍ୟତ ଚିନ୍ତାରେ ଛାତ୍ରୀଛାତ୍ର

ଶିକ୍ଷାୟତନ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଟଣାଯାଇଛି ଲକ୍ଷ୍ମଣରେଖା। କରୋନା ସଂକ୍ରମଣ ଭୟରେ ଦୀର୍ଘ ୯ମାସ ହେଲା ଶିକ୍ଷାନୁଷ୍ଠାନରେ ଝୁଲୁଛି ତାଲା। ଯଦିଓ ବିକଳ୍ପ ଭାବେ ଅନ୍‌ଲାଇନ ମାଧ୍ୟମରେ ପାଠପଢ଼ା ଆରମ୍ଭ ହୋଇଛି, ତଥାପି ଏହା ଶ୍ରେଣୀଗୃହ ଶିକ୍ଷାର ସ୍ଥାନ ନେଇପାରୁନାହିଁ। କୋଭିଡ୍-୧୯ ମାଡ଼ ସମ୍ପୂର୍ଣ୍ଣ ଶିକ୍ଷାବର୍ଷର ରୂପରେଖ ବଦଳାଇ ଦେଇଥିବାବେଳେ ଭବିଷ୍ୟତକୁ ନେଇ ଚିନ୍ତାଗ୍ରସ୍ତ ହୋଇପଡ଼ିଲେଣି ଛାତ୍ରୀଛାତ୍ର। କେବେ ଜାରି ହେବ ସରକାରୀ ନିର୍ଦ୍ଦେଶନାମା ଏବଂ ପୁଣି ଥରେ ବହିବସ୍ତାନି ଧରି ପିଲାଏ ପାଠପଢ଼ି ଯିବେ ତାହାକୁ ଚାହିଁଛନ୍ତି ଉଭୟେ ବିଦ୍ୟାର୍ଥୀ, ଶିକ୍ଷକ ଏବଂ ଅଭିଭାବକ।

ବିଶ୍ୱ ଅର୍ଥନୀତିକୁ ଧରାଶାୟୀ କରିଦେଇଛି କରୋନା। ଏଥିରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ଶିକ୍ଷାବ୍ୟବସ୍ଥା। ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକରେ ୭୬ ପ୍ରାଥମିକ, ୪୫ ଉଚ୍ଚ ପ୍ରାଥମିକ, ୩୧ ଉଚ୍ଚ ବିଦ୍ୟାଳୟ ଏବଂ ୪ ଆଶ୍ରମ ବିଦ୍ୟାଳୟ ବନ୍ଦ ରହିଛି। ଏଠାରେ ପଢୁଥିବା ସହସ୍ରାଧିକ ଛାତ୍ରୀଛାତ୍ର ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ବିଶେଷ କରି ସୀମିତ ଟେକ୍ନୋଲୋଜି ଜ୍ଞାନ ଥିବା ଆଦିବାସୀ ଅଧ୍ୟୁଷିତ ଏବଂ ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କ ଶିକ୍ଷା ଠପ୍ ହୋଇଯାଇଛି। ହାତଗଣତି ପିଲା ବେସରକାରୀ ଭାବେ ପାଠପଢ଼ା ଜାରି ରଖିଥିବାବେଳେ ଗରିବ ପରିବାର ପକ୍ଷେ ସେତକ ମଧ୍ୟ ସମ୍ଭବ ହେଉନାହିଁ। ତେଣୁ ସେମାନଙ୍କ ଲାଗି ବିଦ୍ୟାଳୟ ଖୋଲିବା ଜରୁରୀ ହୋଇପଡ଼ିଛି। ଅପରପକ୍ଷେ ଦୀର୍ଘଦିନ ଧରି ସ୍କୁଲ ବାରଣ୍ଡା ମାଡ଼ି ନ ଥିବାରୁ ଭିତ୍ତିଭୂମି ମଧ୍ୟ ପ୍ରଭାବିତ ହୋଇଛି। ନିୟମିତ ପରିଚାଳନା ଅଭାବରୁ ସ୍କୁଲ ପରିସର ଲଟାବୁଦା ମାଡ଼ିଯାଇଛି। କୋଭିଡ୍ କେୟାର ସେଣ୍ଟରରେ ପରିଣତ ହୋଇଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ଅଧିକ ଯତ୍ନ ଆବଶ୍ୟକ କରୁଛି। ସ୍କୁଲ ଖୋଲିବା ପରେ ବି ସବୁକିଛି ସ୍ୱାଭାବିକ ହେବାକୁ କିଛି ମାସ ଲାଗିଯାଇପାରେ। ଏପରି ଆଶାଆଶଙ୍କା ଭିତରେ ସମସ୍ତଙ୍କ ନଜର ଅଟକିଛି ସରକାରୀ ନିର୍ଦ୍ଦେଶନାମା ଉପରେ।

### ସମସ୍ତେ ଅପେକ୍ଷା କରିଛନ୍ତି



“ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ ଏବଂ ଛାତ୍ରୀଛାତ୍ର ସ୍କୁଲ ଖୋଲିବା ନେଇ ସରକାରୀ ଆଦେଶକୁ ଅପେକ୍ଷା କରିଛନ୍ତି। ଏଥିପ୍ରତି ଶିକ୍ଷା ବିଭାଗ ସତର୍କ ରହିଛି। କୋଭିଡ୍ ସେଣ୍ଟର କରାଯାଇଥିବା ବିଦ୍ୟାଳୟଗୁଡ଼ିକୁ ଅଗ୍ନିଶମ ବିଭାଗ ସହାୟତାରେ ୨ ଥର ସାନିଟାଇଜ୍ କରାଯାଇଛି। ସ୍କୁଲ ଖୋଲିଲେ ଅଧିକ ସତର୍କତାମୂଳକ ପଦକ୍ଷେପ ନିଆଯିବ।

– ଅଜୟ କୁମାର ପାତ୍ର, ବିଇଓ, କାମାକ୍ଷାନଗର

### ଶତପ୍ରତିଶତ ସନ୍ତୋଷ ମିଳୁନି



“ସରକାରୀ ନିର୍ଦ୍ଦେଶନାମା କୌଣସି ମୁହୂର୍ତ୍ତରେ ଆସିପାରେ। ଏଥିପୂର୍ବରୁ ବିଦ୍ୟାଳୟରେ ସମସ୍ତ ପ୍ରକାର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସ୍କୁଲକୁ ଶିକ୍ଷକ ଆସି ଅନ୍‌ଲାଇନରେ ପାଠ ପଢ଼ାଉଛନ୍ତି। ଆବଶ୍ୟକସ୍ଥଳେ ଗାଁକୁ ଯାଇ କୋଭିଡ୍ ନିୟମ ମାନି ପାଠ ପଢ଼ାଯାଉଛି। ତଥାପି ଶତପ୍ରତିଶତ ସନ୍ତୋଷ ମିଳୁନି।

– ଶ୍ରୀରାମ ରାଉତ, ପ୍ରଧାନ ଶିକ୍ଷକ, ପଞ୍ଚାୟତିରାଜ ହାଇସ୍କୁଲ

### ପିଲାଙ୍କ ସୁରକ୍ଷା ଆମ ଦାୟିତ୍ୱ



“ଛାତ୍ରୀଛାତ୍ର ସନ୍ତାନ ଭଳି ସେମାନଙ୍କ ସୁରକ୍ଷା ଆମ ଦାୟିତ୍ୱ। ସ୍କୁଲରେ ଶ୍ରେଣୀଗୃହ ଶିକ୍ଷାଦାନ ବନ୍ଦ ରହିଥିଲେ ମଧ୍ୟ ଶିକ୍ଷୟିତ୍ରୀଶିକ୍ଷକମାନେ ସ୍କୁଲକୁ ଆସୁଛନ୍ତି। ବିଦ୍ୟାଳୟ ପରିବେଶ ବେଶ୍ ସଫାସୁତରା ରହିଛି। ସରକାରୀ ନିର୍ଦ୍ଦେଶନାମା ଜାରି କଲେ ତୁରନ୍ତ ଶିକ୍ଷାଦାନ ଆରମ୍ଭ କରିବା ଭଳି ସମସ୍ତ ପଦକ୍ଷେପ ହାତକୁ ନିଆଯାଇଛି।

– ଐଶ୍ୱର୍ଯ୍ୟା ରାଜଲକ୍ଷ୍ମୀ, ଶିକ୍ଷୟିତ୍ରୀ ଗାଲୁକାଟେଣୀ ସ୍କୁଲ

### ଦିନକୁ ଦିନ ଚାପ ବଢୁଛି



“ବିଦ୍ୟାଳୟ ଖୋଲୁ ନ ଥିବାରୁ ଛାତ୍ରୀଛାତ୍ରଙ୍କ ଉପରେ ଦିନକୁ ଦିନ ଚାପ ବଢୁଛି। ଅନଲାଇନ୍ ପାଠପଢ଼ା ଶ୍ରେଣୀଗୃହର ସ୍ଥାନ ନେଇପାରିବ ନାହିଁ। ସରକାର ବିଦ୍ୟାଳୟ ଖୋଲିବାକୁ ଘୋଷଣା କରିବା ସହ ୧୦ଶ୍ରେଣୀ ପରୀକ୍ଷା ପାଇଁ ସ୍ୱତନ୍ତ୍ର ନିୟମ ଆଣିଲେ ପିଲାମାନେ ଉପକୃତ ହୋଇପାରନ୍ତେ।

– ତପସ୍ୱିନୀ ମହାନ୍ତି, ୧୦ମ ଶ୍ରେଣୀ ଛାତ୍ରୀ

### ନେଟ୍‌ୱର୍କ ସମସ୍ୟା ଅନ୍‌ଲାଇନ ଶିକ୍ଷାରେ ବାଧକ



“ଆଦର୍ଶ ବିଦ୍ୟାଳୟର ଶିକ୍ଷା ଢାଞ୍ଚା ଅନ୍ୟମାନଙ୍କଠାରୁ ଭିନ୍ନ। ସ୍କୁଲ ବନ୍ଦ ହୋଇଯିବା ପରେ ଅନ୍‌ଲାଇନରେ ପାଠପଢ଼ା ଆରମ୍ଭ ହୋଇଛି। ହେଲେ ଅଧିକାଂଶ ସମୟରେ ନେଟ୍‌ୱର୍କ ସମସ୍ୟା ଏଥିରେ ବାଧକ ସାଜୁଛି। ପ୍ରତ୍ୟକ୍ଷ ଆଲୋଚନା ମଧ୍ୟ ହୋଇପାରୁନାହିଁ। ତୁରନ୍ତ ବିଦ୍ୟାଳୟ ଖୋଲାଗଲେ ଛାତ୍ରୀଛାତ୍ର ଲାଭବାନ ହେବେ।

– ସାଇଶଙ୍କର, ନବମ ଶ୍ରେଣୀ ଛାତ୍ର

## ସଂକ୍ଷେପରେ

### ମନସ୍ୱିନୀଙ୍କୁ ‘ଇନ୍‌ସ୍ପାୟାର ମନକ’ ପୁରସ୍କାର



**ବନ୍ତଲା, ୨୯।୧୨(ଡି.ଏନ୍.ଏ.):** ଭାରତ ସରକାରଙ୍କ ବିଜ୍ଞାନ ଏବଂ ପ୍ରଦ୍ୟୋଗିକ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ‘ଇନ୍‌ସ୍ପାୟାର ମନକ’ ପୁସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇନ୍ତି ଅନୁଗୋଳ ଜବାହର ନବୋଦୟ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ମନସ୍ୱିନୀ ସାହୁ। କୋଭିଡ୍-୧୯ ଦ୍ୱାରା ସମଗ୍ର ବିଶ୍ୱ ପ୍ରଭାବିତ ହୋଇଥିବାବେଳେ ସାମାଜିକ ଦୂରତ୍ୱ ନିୟମ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ମନସ୍ୱିନୀ ନିଜ ଉଦ୍ୟମରେ ବିନା ସ୍ପର୍ଶରେ କିଭଳି କବାଟ ଖୋଲାଯିବ ଏବଂ ବନ୍ଦ କରାଯାଇପାରିବ ତାହାକୁ ପ୍ରକଳ୍ପ ମାଧମରେ ଦର୍ଶାଇଛନ୍ତି। ଏହା ଜାତୀୟସ୍ତରରେ ଉଚ୍ଚ ପ୍ରଶଂସିତ ହୋଇଥିବାବେଳେ ତାଙ୍କୁ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି।

### ଶର୍ମା ହତ୍ୟା ମାମଲା ବଡ଼ଭାଇ, ଭାଉଜ ଗିରଫ

**ଢେଙ୍କାନାଳ ଅଫିସ, ୨୯।୧୨:** ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଆର୍ତ୍ତସାନ୍ତରାକାଟେଣୀ ଗ୍ରାମରେ ସୋମବାର ସନ୍ଧ୍ୟାରେ ପାରିବାରିକ ବିବାଦକୁ ନେଇ ବଡ଼ଭାଇ ଛୁରାମାଡ଼ରେ ସାନଭାଇଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ଅଭିଯୁକ୍ତ ଦୁର୍ଯ୍ୟୋଧନ ନାଏକ ଏବଂ ତାଙ୍କ ସ୍ତ୍ରୀ ଅଞ୍ଜୁଳି ନାଏକଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ଜବତ କରାଯାଇଛି। ଏ ସଂକ୍ରାନ୍ତରେ ନଂ. ୨୬୫/୨୦ରେ ଏକ ମାମଲା ରୁଜୁ ହୋଇଛି। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ସରୋଜିନୀ ସାମ୍ଭାତା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଦୁର୍ଯ୍ୟୋଧନଙ୍କ ଆକାଉଣ୍ଟରେ ତାଙ୍କ ମା’ ୧୦ ହଜାର ଟଙ୍କା ରଖିଥିଲେ। ଏହି ଟଙ୍କାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଉଗ୍ରରୂପ ନେଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଦୁର୍ଯ୍ୟୋଧନ ସାନ ଭାଇଙ୍କୁ ଛୁରି ଭୁସି ଦେଇଥିଲେ। ଏଥିରେ ଭାଉଜ ସହାୟତା କରିଥିବା ଅଭିଯୋଗ ହୋଇଥିଲା।

### ୭୫ ୟୁନିଟ୍ ରକ୍ତ ସଂଗ୍ରହ



**ବଆଁରପାଳ, ୨୯।୧୨(ଡି.ଏନ୍.ଏ.):** ଅନୁଗୋଳ ନିର୍ବାଚନମଣ୍ଡଳୀ ଓଡ଼ିଶା ମୋ ପରିବାର ପକ୍ଷରୁ ବଆଁରପାଳ ବ୍ଲକ ତଳମୂଳ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ବିଧାୟକ ରଜନୀକାନ୍ତ ସିଂ, ସମ୍ମାନିତ ଅତିଥି ମୋ ଓଡ଼ିଶା ପରିବାରର ଜିଲା ସହ ସଂଯୋଜକ ପ୍ରିୟଦର୍ଶୀ ପଟ୍ଟନାୟକ, ବ୍ଲକ ସଭାପତି ବିଜୟ ନାଥ, ଯୁବନେତା ଅରୁଣାଭ ସିଂ, ବ୍ଲକ ଯୁବ ବିଜେଡି ସଭାପତି ସୁସେନ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ ୭୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସୌମ୍ୟରଞ୍ଜନ ଷଡ଼ଙ୍ଗୀ, ରାଜା ନାଥ, ପର୍ଶୁ ଜେନା, ଅମରେଶ ସାହୁ, ଅବନୀ ସାମଲ, ଓମ୍ ଜେନା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ଜାରକା ସେମିରେ

**ଭୁବନ, ୨୯।୧୨(ଡି.ଏନ୍.ଏ.):** ଭୁବନ ମିନିଷ୍ଟାଡିୟମ୍‌ରେ ଚାଲିଥିବା ଦେବେନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଘରୋଇ ଭୁବନକୁ ହରାଇ ଜାରକା ସେମିଫାଇନାଲରେ ପ୍ରବେଶ କରିଛି। ଭୁବନ ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ହରାଇ ୧୬୪ ରନ୍ କରିଥିଲା। ଜବାବରେ ଜାରକା ୨୦.୧ ଓଭରରେ ୬ ଉଇକେଟ ହରାଇ ୧୬୫ ରନ୍ କରି ବିଜୟୀ ହୋଇଥିଲା। ୪୫ ରନ୍ କରିଥିବା ବିଜୟୀ ଦଳର ବିକ୍ରମ ସାମଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଆଶୁତୋଷ ପାଣି, ଦ୍ୱିଜେନ୍ଦ୍ର ଘୋଷ ମ୍ୟାଚ୍ ପରିଚାଳନା କରିଥିବାବେଳେ ବିପିନ ବିହାରୀ ସାହୁ ଧାରାବିବରଣୀ ଦେଇଥିଲେ। କ୍ରିକେଟ କ୍ଲବର ପୂର୍ବତନ କର୍ମକର୍ତ୍ତା ପୁରୁଷୋତ୍ତମ ପୃଷ୍ଟି, କୈଳାସ ଚନ୍ଦ୍ର ବେହେରା, ଗୁରୁପ୍ରସାଦ ମିଶ୍ର, ଲକ୍ଷ୍ମଣ ଦାସ ଅତିଥି ଭାବେ ଯୋଗ ଦେଇ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

## ଋଣ ପାଇଁ ଲାଞ୍ଚ ଅଭିଯୋଗ

**ବଇଣ୍ଡା, ୨୯।୧୨(ଡି.ଏନ୍.ଏ.)**

କିଶୋରନଗର ବ୍ଲକ ହଣ୍ଡପା ସମବାୟ ସମିତିରେ କୃଷିଋଣ ପ୍ରଦାନରେ ଲାଞ୍ଚ କାରବାର ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ଚାଷୀ ରବି ବେହେରା ମଙ୍ଗଳବାର ଅନୁଗୋଳ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ହଣ୍ଡପା ସମବାୟ ସମିତିରେ ବ୍ୟାପକ ଅନିୟମିତତା ହେଉଛି। ପ୍ରକୃତ ଚାଷୀ ଋଣ ପାଇବାରୁ ବଞ୍ଚିତ ହେଉଛନ୍ତି। ସମବାୟ ସମିତିର ଜଣେ କର୍ମଚାରୀ ଋଣ କରାଇବା ଲାଗି ୧୦୦୦ରୁ ୨୦୦୦ ଟଙ୍କା ଲାଞ୍ଚ ନେଉଛନ୍ତି। ଅନେକ ଅଣଚାଷୀ ତାଙ୍କୁ ହାତ କରି କୃଷି ଋଣ ଉଠାଇ ଅନ୍ୟ ବ୍ୟବସାୟରେ ଲଗାଉଛନ୍ତି। ଏ ସଂକ୍ରାନ୍ତରେ ହଣ୍ଡପା ଅଞ୍ଚଳର ଯୁବକମାନେ ସମିତିର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଘଟଣାର ଭିଜିଲାନ୍ସ ତଦନ୍ତ କରିବାକୁ ଚାଷୀମାନେ ଦାବି କରିଛନ୍ତି। ସମିତି ସମ୍ପାଦକ ସଂସାର ସୱାଇ କୁହନ୍ତି, ଅଭିଯୋଗ ଭିତ୍ତିହୀନ। ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ମନୋରଞ୍ଜନ ସିଂ କୁହନ୍ତି, ହଣ୍ଡପା ସମିତିରେ ଋଣ ଯୋଗାଇ ଦେବାରେ ଲାଞ୍ଚ କାରବାର ସମ୍ପର୍କରେ ତାଙ୍କ ନିକଟରେ କୌଣସି ଅଭିଯୋଗ ହୋଇନାହିଁ। ଏହାର ତଦନ୍ତ କରାଯିବ।

## ୧୪ ଚକିଆ ଟ୍ରକ୍ ଜଳିଗଲା

**ଛେଣ୍ଡିପଦା, ୨୯।୧୨(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାଗଡ଼ିଆ ବୁଢ଼ାଡ଼ିପ ସାହି ତାରିଣୀ ପୀଠ ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ ୧୪ ଚକିଆ ଟ୍ରକ୍ (ନଂ. ଓଡ଼ି ୧୫ ଡ଼ି ୪୦୮୭) ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଗାଡ଼ି ମାଲିକଙ୍କଠାରୁ ସୂଚନା ପାଇ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପୋଲିସ ତଦନ୍ତ କରୁଛି।

## ଚାଷୀଙ୍କୁ ଦଳିଦେଲା ଦନ୍ତା



**ପରଜଙ୍ଗ, ୨୯।୧୨(ଡି.ଏନ୍.ଏ.)**

- ବଜାରରେ ପଶି ଆତଙ୍କ ସୃଷ୍ଟିକଲା
- ମାସକରେ ଗଲାଣି ୩ ଜଣଙ୍କ ଜୀବନ
- ‘ଐରାବତ’ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ

ହାତୀ ଜଗିଛି ‘ଐରାବତ’। ହାତୀପଲ ଦାଉରୁ ଧନଜୀବନ ସୁରକ୍ଷିତ ରଖିବାକୁ ଅତ୍ୟାଧୁନିକ ସରଞ୍ଜାମରେ ସଜ୍ଜିତ ଏହି ଯାନର କୌଣସି ପ୍ରଭାବ ପଡୁନି ନରହନ୍ତା ଦନ୍ତା ଉପରେ। ଉନ୍ମତ୍ତ ହାତୀ ପଲରୁ ଅଲଗା ହୋଇ ଜନବସତିରେ ପଶୁଛି। ଯିଏ ମୁହଁରେ ପଡ଼ିଲା ଆକ୍ରମଣ କରୁଛି। ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜର ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ ପାଣିଗେଙ୍ଗୁଟିଆ ଗ୍ରାମରେ ଦନ୍ତା ଦଳିଦେବାରୁ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଫକୀର ଭୋଇ। ଗତ ମାସକ ଭିତରେ ଏହା ହେଉଛି ୩ୟ ହାତୀ ଆକ୍ରମଣଜନିତ ମୃତ୍ୟୁ। ହାତୀ ଆକ୍ରମଣରେ ବ୍ୟାପକ ଧନଜୀବନ ହାନି ହେଉଥିବାବେଳେ ବନ ବିଭାଗ ଅସହାୟ ପାଲଟିଛି, ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ମୃତ ଚାଷୀଙ୍କ ପରିବାର ସଦସ୍ୟଙ୍କ କହିବା କଥା, ଫକୀର ମଙ୍ଗଳବାର ସକାଳୁ ଅସନନାଳିସ୍ଥିତ ଚାଷଜମିକୁ ନଡ଼ାବାନ୍ଧି ଯାଇଥିବାବେଳେ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲା। ହାତୀ ତାଙ୍କୁ ଶୁଣ୍ଢରେ ଟେକି ନେଇ ଦଳିଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପାଖରେ କାମ କରୁଥିବା ଅନ୍ୟ ଚାଷୀମାନେ କୌଶଳକ୍ରମେ ଜୀବନ ବଞ୍ଚାଇବାରେ ସଫଳ ହୋଇଥିଲେ। ସେମାନଙ୍କଠାରୁ ସୂଚନା ପାଇ ଗ୍ରାମବାସୀ ପହଞ୍ଚି ହାତୀକୁ ଘଉଡ଼ାଇଥିଲେ। ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ବନ ଅଧିକାରୀ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ମୃତଚାଷୀଙ୍କ ପରିବାରକୁ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା।

ଅପରପକ୍ଷେ ଚାଷୀଙ୍କୁ ମାରିବା ପରେ ଦନ୍ତା କୁମୁସୀ ବଜାର ଛକରେ ଉପସ୍ଥିତି ଜାହିର କରିଥିଲା। ହାତୀ ଜନବସତି ପାଖ ଛାଡୁ ନ ଥିବାରୁ ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ତୁରନ୍ତ ହାତୀକୁ ଅନ୍ୟତ୍ର ଘଉଡ଼ାଇବାକୁ ଦାବି ହେଉଛି।

## ୫୦୦୦ ଲିଟର ପୋଚ ନଷ୍ଟ

**ବଇଣ୍ଡା, ୨୯।୧୨(ଡି.ଏନ୍.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ବୁଢୁଲିମୁଣ୍ଡା, ବର୍ବତୀପାଲି, ମାଧପୁର, ସର୍ଗିପାଲି ଗ୍ରାମରେ ତହସିଲଦାର ଡ. ଲକ୍ଷ୍ମୀ ପ୍ରସାଦ ସାହୁଙ୍କ ନେତୃତ୍ୱରେ ମଙ୍ଗଳବାର ବିବିଧ ଶୃଙ୍ଖଳା କମିଟି ଚଢ଼ାଉ କରିଛି। ବେଆଇନ ମଦ ପ୍ରସ୍ତୁତି ଲାଗି ରଖାଯାଇଥିବା ୫୦୦୦ ଲିଟର ମହୁଲ ପୋଚ ନଷ୍ଟ କରାଯିବା ସହ ସାମଗ୍ରୀ ଜବତ କରାଯାଇଛି। ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଥିଲେ। ସେହିପରି ଟିମ୍ ସଦସ୍ୟ ନାକଚିଠାରେ ବେଆଇନ ମେଟାଲ ଚାଲାଣ କରୁଥିବା ୨ ହାଇୱା ଜବତ କରିଥିଲେ। ଉକ୍ତ ଗାଡ଼ିରୁ ୭୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଠମଲ୍ଲିକ ଅବକାରୀ ନିରୀକ୍ଷକ ଅନିତା ଓଝା, ବଇଣ୍ଡା ଅବକାରୀ ଉପ ନିରୀକ୍ଷକ ରବୀନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

## ୧୨ ଗୋରୁ ଉଦ୍ଧାର, ଅଭିଯୁକ୍ତ ଗିରଫ

**ଅନୁଗୋଳ ଅଫିସ, ୨୯।୧୨**

ଅନୁଗୋଳ ଭାଜପା ନେତା ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଗୁହାଳରୁ ଚୋରି ହୋଇଥିବା ୧୨ ଗୋରୁକୁ ପୋଲିସ ଉଦ୍ଧାର କରିଛି। ଘଟଣାରେ ପେଡ଼ିପଥର ଗ୍ରାମର ବିନୋଦ ବେହେରା (୩୫)ଙ୍କୁ ଗିରଫ କରାଯାଇଛି। ବିନୋଦ ଅନୁଗୋଳ ସହର ଉପକଣ୍ଠ ଫୁଲପଡ଼ାସ୍ଥିତ ସିସୋର ଫାର୍ମ ହାଉସରେ ଚାକିରି କରୁଥିଲେ। ଗତ ୭ ତାରିଖ ବିଳମ୍ବିତ ରାତିରେ ବିଇଡି କଲୋନୀସ୍ଥିତ ଭାଜପା ନେତାଙ୍କ ଗୁହାଳରୁ ଉକ୍ତ ଗୋରୁ ଚୋରି କରି ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଥିଲା। ସନ୍ତ୍ରୀ ହାଟରେ ଗୋରୁ ବିକ୍ରି କରୁଥିବାବେଳେ ବିନୋଦ ପୋଲିସ ହାତରେ ଧରାପଡ଼ିଥିଲେ।

## ଡାକସେବାର ଗୁରୁତ୍ୱ ଅନନ୍ୟ

**ଢେଙ୍କାନାଳ ଅଫିସ, ୨୯।୧୨**



ଜଣେ କର୍ତ୍ତବ୍ୟନିଷ୍ଠ କର୍ମଚାରୀଙ୍କୁ ପୁରସ୍କୃତ କରାଯାଉଛି।

ଢେଙ୍କାନାଳ ଡାକମଣ୍ଡଳ ପକ୍ଷରୁ ସୋମବାର ୪୯ତମ ପ୍ରତିଷ୍ଠା ଦିବସ ନିରାଡମ୍ବର ଭାବେ ପାଳିତ ହୋଇଛି। ସମ୍ବଲପୁର ଡାକକ୍ଷେତ୍ରର ଆଞ୍ଚଳିକ ମୁଖ୍ୟ ତଥା ମହାଡାକପାଳ ଲଳିତେନ୍ଦୁ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଡାକସେବାର ଗୁରୁତ୍ୱ ଅନନ୍ୟ। ଏହା ଥିଲା, ଅଛି ଏବଂ ରହିବ। ଜନସାଧାରଣଙ୍କ ଆବଶ୍ୟକତା ଅନୁଯାୟୀ ଆନ୍ତରିକତାର ସହ ଉତ୍ତମ ସେବା ପ୍ରଦାନ କରିବା ଲାଗି ସେ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଡାକ ପରିମଣ୍ଡଳର ଡାଇରେକ୍ଟର ପୋଷ୍ଟାଲ ସର୍ଭିସେସ୍ ଆଦିତ୍ୟ କୁମାର ନାୟକ ଯୋଗଦେଇ ଡାକବିଭାଗ ନୂତନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ବିଭିନ୍ନ ବର୍ଗରେ ଉତ୍ତମ ସେବା ପ୍ରଦାନ କରିଥିବା କର୍ମଚାରୀ ଏବଂ ଡାକ ଜୀବନବୀମା ଏଜେଣ୍ଟଙ୍କୁ ପୁରସ୍କୃତ କରାଯାଇଥିଲା। ଢେଙ୍କାନାଳ ଡାକମଣ୍ଡଳ ଅଧୀକ୍ଷକ ଯମେଶ୍ୱର ଗଡ଼ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସହାୟକ ଅଧୀକ୍ଷକ ସଞ୍ଜିତ ଶତପଥୀ, ସରୋଜ ମହାପାତ୍ର, ଦୀପ୍ତିରଞ୍ଜନ ସାମନ୍ତ ପ୍ରମୁଖ ପରିଚାଳନା କରିଥିଲେ।

## ବାଲିଉଠାଣକୁ ନେଇ ଦୁଇ ଗାଁ ମୁହାଁମୁହିଁ

**ଛେଣ୍ଡିପଦା, ୨୯।୧୨(ସ୍ୱ.ପ୍ର.)**


ସିଙ୍ଗଡ଼ା ବ୍ରିଜ୍ ଉପରେ ଗାଡ଼ି ରଖି ରାସ୍ତା ଅବରୋଧ।

- ସର୍ବସାଧାରଣ ରାସ୍ତା ଅବରୋଧ
- ଲାଗି ରହିଛି ଚାପା ଉତ୍ତେଜନା

ସିଙ୍ଗଡ଼ା ନାଳରୁ ବାଲିଉଠାଣକୁ କେନ୍ଦ୍ରକରି ମୁହାଁମୁହିଁ ହୋଇଛନ୍ତି ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ନାଉପଦା ଏବଂ ବାଲିପଟା ଗ୍ରାମବାସୀ। ଏହାକୁ ନେଇ ନାଳପାର୍ଶ୍ୱରେ ସର୍ବସାଧାରଣ ଯାତାୟାତ କରୁଥିବା ରାସ୍ତା ଅବରୋଧ କରାଯାଇଛି। ଘଟଣାକୁ ନେଇ ତୀବ୍ର ଉତ୍ତେଜନା ଲାଗି ରହିଥିବାବେଳେ ଖବର ଲେଖାଯିବା ସୁଦ୍ଧା ସମାଧାନର ସୂତ୍ର ବାହାରିପାରିନାହିଁ।

ନାଳରୁ ବାଲିଚାଲାଣ ବନ୍ଦ କରିବା ଦାବିରେ ନାଉପଦା ଗ୍ରାମବାସୀ ନାଳପାର୍ଶ୍ୱ ରାସ୍ତା ବନ୍ଦ କରିଦେଇଥିଲେ। ଫଳରେ ବାଲିପଟା ଗ୍ରାମର ଚାଷୀ ଉତ୍ପାଦିତ ଫସଲ ଘରକୁ ଆଣିବାରେ ନାହିଁ ନ ଥିବା ସମସ୍ୟା ଭୋଗିଥିଲେ। ଏହି ଘଟଣାକୁ ନେଇ ୧୦ଦିନ ହେଲା ଶୀତଳଯୁଦ୍ଧ ଲାଗି ରହିଥିଲା। ମଙ୍ଗଳବାର ବାଲିପଟା ସାପ୍ତାହିକ ହାଟକୁ ନାଉପଦା ଗ୍ରାମର ଚାଷୀ, ବ୍ୟବସାୟୀ ଏବଂ ଖାଉଟିଙ୍କୁ ପ୍ରବେଶ ବାରଣ କରାଯିବା ପରେ ପରିସ୍ଥିତି ବିସ୍ଫୋରକ ରୂପ ନେଇଥିଲା। ବାଲିପଟା ସମବାୟ ସମିତି ମଣ୍ଡିରେ ୧୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଧାନ ବିକ୍ରିକୁ ବିରୋଧ କରାଯାଇଥିଲା। ବେଲଛକରେ ଧାନ ବୋଝେଇ ଗାଡ଼ିଗୁଡ଼ିକୁ ଅଟକାଇ ଦିଆଯାଇଥିଲା। ଫଳରେ ବିବାଦ ଅଣାୟତ୍ତ ହୋଇଥିଲା। ପୋଲିସ ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ନାଉପଦା ଗ୍ରାମବାସୀ ଧାନ ବୋଝେଇ ଗାଡ଼ି ଫେରାଇ ଆଣି ସିଙ୍ଗଡ଼ା ପୋଲ ଉପରେ ରଖି ଛେଣ୍ଡିପଦା-ଜରପଡ଼ା ରାସ୍ତା ବନ୍ଦ କରିଦେଇଥିଲେ। ଅପରାହ୍ନ ୧ଟାରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ରାତି ୮ଟା ଯାଏ ଚାଲିଥିଲା। ତହସିଲଦାର ଡାନିଏଲ ଏକ୍କା, ଜରପଡା ଥାନାଧିକାରୀ ପ୍ରଦୀପ କୁମାର ପ୍ରଧାନ, ଅନୁଗୋଳ ଏସଡିପିଓ ଅଶ୍ୱନୀ କୁମାର ସାହୁ ସଦଳବଳ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପୋଲିସ ଉପସ୍ଥିତିରେ ତ୍ରିପାକ୍ଷିକ ବୈଠକ କରିବାକୁ ନାଉପଦା ଗ୍ରାମବାସୀ ପ୍ରସ୍ତାବ ଦେଇଥିବାବେଳେ ଏହାକୁ ବାଲିପଟା ଗ୍ରାମବାସୀ ମାନି ନ ଥିଲେ। ବାଲିପଟା ଶିବମନ୍ଦିରରେ ବୈଠକ କରିବାକୁ ସେମାନେ ପ୍ରସ୍ତାବ ରଖିଥିଲେ। ଉଭୟ ପକ୍ଷ ଜିଦ୍‌ରେ ଅଟଳ ରହିବାରୁ ସମାଧାନର ପନ୍ଥା ବାହାରି ନ ଥିଲା। ବ୍ଲକ ସଭାଗୃହରେ ବୁଧବାର ବିବାଦର ସମାଧାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ହେଲେ ଏହାକୁ ନାଉପଦା ଗ୍ରାମବାସୀ ମାନି ନ ଥିଲେ। ରାତିରେ ମଣ୍ଡିରେ ଧାନବିକ୍ରି କରିବାକୁ ଦାବିରେ ସେମାନେ ଅଡ଼ି ବସିଛନ୍ତି। ଫଳରେ ବିବାଦର ସମାଧାନ ହୋଇପାରିନାହିଁ। ବ୍ଲକ ଅଧ୍ୟକ୍ଷ ଅଶୋକ ପ୍ରଧାନ, ସରପଞ୍ଚ ରାକେଶ ପ୍ରଧାନ, ସମିତିସଭ୍ୟ ଅଜିତ ପ୍ରଧାନ ଘଟଣାରେ ସ୍ଥଳରେ ଉପସ୍ଥିତ ରହି ବୁଝାଶୁଝା କରୁଛନ୍ତି।

